# NATIONAL NEWS BULLETIN (ODIA)
## 22nd September - 2024
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତ ଓ ଆମେରିକା ମଧ୍ୟରେ ଡେଲାବେୟରଠାରେ ସ୍ୱଚ୍ଛ ଓ ନିରପେକ୍ଷ ଅର୍ଥ ବ୍ୟବସ୍ଥା ଉପରେ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ୨୯୭ଟି ପ୍ରାଚୀନ ସାମଗ୍ରୀକୁ ଭାରତକୁ ଫେରସ୍ତ କରିବାଲାଗି ସହମତି ପ୍ରକାଶ କଲେ ଆମେରିକା ସରକାର ।
- ସିଙ୍ଗାପୁରରେ ଖୋଲିଲା ଇନ୍‌ଭେଷ୍ଟ ଇଣ୍ଡିଆର ନୂତନ କାର୍ଯ୍ୟାଳୟ ।
- ପୂର୍ବ ଇରାନ୍‌ର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୫୧ ମୃତ ।
- ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗଣତି ଆରମ୍ଭ ।

ଏବଂ

- ଚେନ୍ନାଇ ଟେଷ୍ଟରେ ୨୮୦ ରନ୍‌ରେ ବାଂଲାଦେଶକୁ ପରାସ୍ତ କଲା ଭାରତ ।

— ଆସନ୍ତା ୨୭ରେ କାନ୍‌ପୁରରେ ଖେଳାଯିବ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ।

## ପି.ଏମ୍. - ଆଇ.ପି.ଇ.ଏଫ୍.

ଭାରତ ଓ ଆମେରିକା ଡେଲାବେୟରଠାରେ ସ୍ୱଚ୍ଛ ଓ ନିରପେକ୍ଷ ଅର୍ଥ ବ୍ୟବସ୍ଥା ଉପରେ କେନ୍ଦ୍ରିତ ଭାରତ-ପ୍ରଶାନ୍ତ ମସହାଗାଗରୀୟ ଆର୍ଥିକ ରୂପରେଖ ସମ୍ବଳିତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଆଦାନ ପ୍ରଦାନ କରାଯାଇଛି । ଶ୍ରୀ ମୋଦି କ୍ୱାଡ୍ ଶିଖର ସମ୍ମିଳନୀ ପାଇଁ ତିନିଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି ।

ସ୍ୱଚ୍ଛ ଅର୍ଥବ୍ୟବସ୍ଥା ଅନୁଯାୟୀ, ଉଭୟ ଦେଶ ମଧ୍ୟରେ ବୈଷୟିକ ସହଯୋଗ, ମାନବ ସମ୍ବଳ ବିକାଶ, କ୍ଷମତା ନିର୍ମାଣ ଏବଂ ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ବୃଦ୍ଧି ହେବ । ବୁଝାମଣା ଅନୁଯାୟୀ କ୍ଷୁଦ୍ର, ଲକ୍ଷୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ସହାୟତା ନିମନ୍ତେ ନିବେଶ ଓ ରିହାତି ବ୍ୟବସ୍ଥା କରାଯାଇଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପୁଞ୍ଜିନିବେଶ ବାତାବରଣ ସୃଷ୍ଟି କରିବା ଦିଗରେ ଏହି ବୁଝାମଣା ପତ୍ରରେ ବ୍ୟବସ୍ଥା ରହିଛି ।

# ପୁରାତନ ସାମଗ୍ରୀ - ଆମେରିକା

ଆମେରିକା ଭାରତରୁ ଚୋରି ହୋଇଥିବା କିମ୍ବା ଅନ୍ୟ ଉପାୟରେ ଆମେରିକାକୁ ପଠାଯାଇଥିବା ୨୯୭ଟି ପ୍ରାଚୀନ ସାମଗ୍ରୀକୁ ଭାରତକୁ ଫେରସ୍ତ କରିବା ଲାଗି ସହମତି ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ଅବସରରେ ଆମେରିକା ପକ୍ଷରୁ ଏହି ଘୋଷଣା କରାଯାଇଛି । ଏହିସବୁ ସାମଗ୍ରୀ ଖୁବ୍ ଶୀଘ୍ର ଭାରତକୁ ଫେରିଆସିବ ବୋଲି ଜଣାପଡ଼ିଛି । ଡେଲାବେୟରଠାରେ ଏକ ଦ୍ୱିପାକ୍ଷିକ ବୈଠକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ କେତେକ ସାମଗ୍ରୀ ପ୍ରଦାନ କରିଥିଲେ । ଆମେରିକା ପକ୍ଷରୁ ଭାରତର ସାଂସ୍କୃତିକ ମୂଲ୍ୟବୋଧ ବହନ କରୁଥିବା ସାମଗ୍ରୀଗୁଡ଼ିକୁ ଫେରାଇ ଦେବା କ୍ଷେତ୍ରରେ ସହଯୋଗ କରିଥିବାରୁ ଶ୍ରୀ ମୋଦି ଜୋ ବାଇଡେନ୍‌ଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏହିସବୁ ସାମଗ୍ରୀ ଭାରତୀୟ ଐତିହାସିକ, ଭୌତିକ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ ।

ଏହିସବୁ ବସ୍ତୁଗୁଡ଼ିକ ପ୍ରାୟ ୪ ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି । ଭାରତର ବିଭିନ୍ନ ଅଞ୍ଚଳ ସହ ସମ୍ପର୍କିତ ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ଟେରାକୋଟା କଳାକୃତି, ପଥର, ଧାତୁ, କାଠ ଏବଂ ହାତୀଦାନ୍ତରୁ ତିଆରି ସାମଗ୍ରୀ ରହିଛି ।

## ସଂସଦ - ସମ୍ମେଳନ

ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଦୁଇଦିନିଆ ଦଶମ ରାଷ୍ଟ୍ରମଣ୍ଡଳ ସଂସଦୀୟ ସଂଘ ସମ୍ମିଳନୀ ଆୟୋଜିତ ହେବ । ଭାରତୀୟ ସଂସଦ ଏହି ସମ୍ମିଳନୀ ଆୟୋଜନ କରୁଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ସମ୍ମିଳିନୀରେ ଅଧ୍ୟକ୍ଷତା କରିବେ । ବାଚସ୍ପତି ଶ୍ରୀ ବିର୍ଲା ଏହି ସଂସଦୀୟ ସଂଘର ଅଧ୍ୟକ୍ଷ ଅଛନ୍ତି । ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ସଂଘର ଭାରତୀୟ ଖଣ୍ଡର ବୈଠକ ବସିବ ।

## ଗୋୟଲ - ନିବେଶ କାର୍ଯ୍ୟାଳୟ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ୍ ଆଜି ସିଙ୍ଗାପୁରଠାରେ 'ଇନ୍‌ଭେଷ୍ଟ ଇଣ୍ଡିଆ'ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟ ଭାରତରେ ନିବେଶ କରିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକ ପାଇଁ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିବ ଓ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରିବ । ଚଳିତ ବର୍ଷ ସିଙ୍ଗାପୁର ଯାତ୍ରା କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଏହି କାର୍ଯ୍ୟାଳୟ ସ୍ଥାପନ ସମ୍ପର୍କରେ ଘୋଷଣା

କରିଥିଲେ । ସିଙ୍ଗାପୁରରେ ଭାରତର ଇନ୍‌ଭେଷ୍ଟ ଇଣ୍ଡିଆର ପ୍ରଥମ କାର୍ଯ୍ୟାଳୟ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ସିଙ୍ଗାପୁର ଏବଂ ଆସିଆନ୍ କ୍ଷେତ୍ରରେ ଆର୍ଥିକ ସହଯୋଗ ମଜବୁତ କରିବା ଦିଗରେ ଏହି କାର୍ଯ୍ୟାଳୟ ସ୍ଥାପନ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଆଗାମୀ ଦିନରେ ବିଦେଶରେ ଅଧିକ ସଂଖ୍ୟା ଇନ୍‌ଭେଷ୍ଟ ଇଣ୍ଡିଆ କାର୍ଯ୍ୟାଳୟ ଖୋଲିବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ସାଙ୍କେତିକ ଭାଷା ଦିବସ

ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ ଅଧୀନରେ ଭାରତୀୟ ସାଙ୍କେତିକ ଭାଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ କେନ୍ଦ୍ର ଆସନ୍ତାକାଲି ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳନ କରିବ । ଏଥିନିମନ୍ତେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରୀ ଡକ୍ଟର ବିରେନ୍ଦ୍ର କୁମାର ଅଧ୍ୟକ୍ଷତା କରିବେ । ସାଙ୍କେତିକ ଭାଷାଦ୍ୱାରା ସୃଷ୍ଟି ହୋଇଥିବା ଏକତା ଏବଂ ସେହିସବୁ ଭାଷାଗୁଡ଼ିକର ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷିତ ରଖିବାର ଆବଶ୍ୟକତାକୁ ଜାଣିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷ

ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସର ବାର୍ତ୍ତା ରହିଛି, “ସାଙ୍କେତିକ ଭାଷା ଅଧିକାରପାଇଁ ଜାଗ୍ରତ ହେବା” ।

## ଇରାନ୍ - ମାଇନ୍ ବ୍ଲାଷ୍ଟ

ପୂର୍ବ ଇରାନ୍‌ର ଦକ୍ଷିଣ ଖୋରାସନ ନିକଟରେ ଏକ କୋଇଲା ଖଣିରେ ଘଟିଥିବା ବିସ୍ଫୋରଣରେ ପ୍ରାୟ ୫୧ ଜଣଙ୍କ ମୃତ୍ୟୁ ହୋଇଛି । ସେଠାକାର ଗଣମାଧ୍ୟମର ସୂଚନା ଅନୁଯାୟୀ ସେଠାକାର ସ୍ଥାନୀୟ ସମୟ ରାତି ୯ଟାବେଳେ ଖଣି ମଧ୍ୟରେ ମିଥେନ୍ ଗ୍ୟାସ୍ ଲିକ୍ ହେବା କାରଣରୁ ମଦନଜୁ ଖଣିରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ସମୟରେ ସମ୍ପୃକ୍ତ କୋଇଲା ଖଣିର ଦୁଇଟି ବ୍ଲକ୍‌ରେ ଅଣସ୍ତରି ଜଣ ଶ୍ରମିକ ଥିଲେ । ବିସ୍ଫୋରଣରେ ୨୦ରୁ ଅଧିକ ଶ୍ରମିକ ଆହତ ହୋଇଥିବା ସୂଚନା ମିଳିଛି । ତେବେ ଖଣି ଭିତରେ କେତେ ଲୋକ ଅଟକି ରହିଛନ୍ତି, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରି ନାହିଁ ।

## ବିହାର - ଫ୍ଲଡ୍

ବିହାରରେ ଗଙ୍ଗା ଏବଂ ଅନ୍ୟ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୨ଟି ଜିଲ୍ଲାରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ଗଙ୍ଗା ଏବଂ ଏହାର

ଶାଖା ନଦୀଗୁଡ଼ିକର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ପାଟନା, ବେଗୁସରାଇ, ସାରଣ ଏବଂ ମୁଙ୍ଗେର ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି । ସେହିସବୁ ଅଞ୍ଚଳର ପ୍ରାୟ ୧୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ରେଳ ଲାଇନ୍ ଉପରେ ବନ୍ୟାଜଳ ମାଡ଼ିଯିବାରୁ ଜମାଲ୍‌ପୁର-ଭାଗଲପୁର ରେଳଖଣ୍ଡରେ ରେଳ ଚଳାଚଳ ବନ୍ଦ୍ ରଖାଯାଇଛି ।

## ଶ୍ରୀଲଙ୍କା - କାଉଣ୍ଟିଂ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍‌ଗଣତି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ମତଗଣନାରେ କୌଣସି ପ୍ରାର୍ଥୀ ୫୦ ପ୍ରତିଶତରୁ ଅଧିକ ଭୋଟ୍ ପାଇ ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ଗଣନା ଆରମ୍ଭ ହୋଇଛି । ଶ୍ରୀଲଙ୍କାର ନିର୍ବାଚନ ଆୟୋଗ କହିଛନ୍ତି, ଦୁଇ ଜଣ ଶୀର୍ଷ ପ୍ରତିଯୋଗୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ହଟାଇ ଦିଆଯାଇଛି ଏବଂ ସେମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବିକଳ୍ପ ମିଳିଥିବା ଭୋଟ୍‌ଗୁଡ଼ିକୁ ଦୁଇ ଜଣ ଶୀର୍ଷ ପ୍ରତିଯୋଗୀଙ୍କ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯିବ । ସର୍ବାଧିକ ଭୋଟ୍ ପାଇଥିବା ପ୍ରାର୍ଥୀଙ୍କୁ ବିଜେତା ଘୋଷଣା କରାଯିବ ।

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଗତକାଲି ମତଦାନ ହୋଇଥିଲା । ଏହି ମତଦାନ ଶ୍ରୀଲଙ୍କା ଇତିହାସରେ ସବୁଠାରୁ ଶାନ୍ତିପୂର୍ଣ୍ଣ ମତଦାନ ବୋଲି ସେଠାକାର ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ

ଆୟୋଗଙ୍କ ସୂଚନା ଅନୁଯାୟୀ ବାମପନ୍ଥୀ ନେତା ଅନୁରା କୁମାର ଦିଶା ନାୟକେ ୪୧ ପ୍ରତିଶତ ଭୋଟ୍ ସହ ଆଗରେ ଥିବାବେଳେ ସାଜିତ ପ୍ରେମଦାସା ୩୩ ପ୍ରତିଶତ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ବର୍ତ୍ତମାନ ରାଷ୍ଟ୍ରପତି ରାନିଲ୍ ବିକ୍ରମାସିଂଘେ ୧୭ ପ୍ରତିଶତ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି ।

## ୱାର୍ଲଡ୍ ଫୁଡ୍ ଇଣ୍ଡିଆ ଲାଷ୍ଟ ଡେ

ବିଶ୍ୱ ଭାରତ ଖାଦ୍ୟ ଦିବସ ୨୦୨୪ ଆଜି ଉଦ୍‌ଯାପିତ ହୋଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଚାରିଦିନିଆ ସମ୍ମିଳନରେ ପ୍ରାୟ ୯୦ଟି ଦେଶ, ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ୧୮ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭିନ୍ନ ସରକାରୀ ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବିଶ୍ୱରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ଏଥିରେ ମତପ୍ରକାଶ ପାଇଛି । ଏହି ସମ୍ମିଳନୀରେ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଖାଦ୍ୟ ପ୍ରକ୍ରିୟାକରଣର ନୂତନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାଶୱାନ ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଯୋଗ ଦେଇଥିଲେ ।

## ଆମେରିକା - ଗୁଳିକାଣ୍ଡ

ଆମେରିକାର ଅଲ୍‌ବାମା ନିକଟବର୍ତ୍ତୀ ବର୍ମିଙ୍ଗ୍‌ହାମ୍‌ରେ ଅତର୍କିତ ଗୁଳିଚାଳନା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେଠାକାର ପୁଲିସ୍ ସୂଚନା ଅନୁଯାୟୀ, ମଧ୍ୟରାତ୍ରିର କିଛି ସମୟ ପୂର୍ବରୁ ହୋଇଥିବା ଗୁଳିକାଣ୍ଡରେ ୪ ଜଣ ଲୋକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ସଙ୍କଟାପନ୍‌ନ ଅବସ୍ଥାରେ ୮ ଜଣ ଆହତଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ପୁଲିସ୍ ଘଟଣାର ତଦନ୍ତ କରୁଛି ।

## ଏନ୍.ସି.ସି - ସମ୍ମେଳନ

ନୂଆଦିଲ୍ଲୀରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ସଂଯୁକ୍ତ ରାଷ୍ଟ୍ର ପ୍ରତିନିଧି ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଉପନିର୍ଦ୍ଦେଶକମାନଙ୍କ ସମ୍ମିଳନୀରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଅଧ୍ୟକ୍ଷତା କରିବେ । ସମ୍ମିଳନୀ ସମୟରେ ଏନ୍.ସି.ସି.ର ବିସ୍ତାର ନେଇ ଆଲୋଚନା ହେବ । କିଛିଦିନ ପୂର୍ବେ ଏନ୍.ସି.ସି. କ୍ୟାଡେଟ୍ ସଂଖ୍ୟା ୧୭ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି । ଏହି ସମ୍ମିଳନୀରେ ଆର୍ଥିକ ଆବଶ୍ୟକତା,

ପ୍ରତିନିଧିତ୍ୱ ଏବଂ ପ୍ରଶିକ୍ଷଣ ତଥା ଶିବିରସ୍ଥଳୀ ସ୍ଥାପନ ବିଷୟରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଦେଶରେ ଥିବା ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କ ଭବିଷ୍ୟତ୍ ସୁରକ୍ଷା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଦୃଢ଼ ଭୂମିକା ଗ୍ରହଣ କରିବ ।

ଏହି ଦ୍ୱିବାର୍ଷିକ ସମ୍ମିଳନୀରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷା ମନ୍ତ୍ରୀ, ଅରୁଣାଚଳ ପ୍ରଦେଶ, ଆସାମ, କର୍ଣ୍ଣାଟକ, କେରଳ ଏବଂ ଉତ୍ତରାଖଣ୍ଡର ଶିକ୍ଷାମନ୍ତ୍ରୀ ଏବଂ ଗୋଆର କ୍ରୀଡ଼ାମନ୍ତ୍ରୀଙ୍କ ସମେତ ଅନ୍ୟ ରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

## ପି.ଏମ୍. - ଗଣ୍ଡା ଦିବସ

ବିଶ୍ୱ ଗଣ୍ଡା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଣ୍ଡାମାନଙ୍କ ସୁରକ୍ଷା ସମ୍ପର୍କରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ ଦୀର୍ଘବର୍ଷ ହେଲା ଗଣ୍ଡା ସଂରକ୍ଷଣ ଓ ରକ୍ଷଣାବେକ୍ଷଣରେ ନିଯୁକ୍ତ ସମସ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଯେ ଭାରତ ହେଉଛି ଏକ ଶିଙ୍ଘିଆ ଗଣ୍ଡାର ଆବାସସ୍ଥଳ । ଅତୀତରେ

ଆସାମ ଗସ୍ତ ଅବସରରେ କାଜିରଙ୍ଗା ଜାତୀୟ ଉଦ୍ୟାନ ଭ୍ରମଣକୁ ମନେପକାଇ ଶ୍ରୀ ମୋଦୀ ଜନସାଧାରଣଙ୍କୁ ସେଠାକୁ ବୁଲିଯିବାକୁ ନିବେଦନ କରିଛନ୍ତି ।

## କ୍ରିକେଟ

ଚେନ୍ନାଇ ଟେଷ୍ଟରେ ଭାରତ' ବାଂଲାଦେଶ ବିପକ୍ଷରେ ୨୮୦ ରନ୍‌ରେ ବିଜୟୀ ହୋଇଛି । ଏଥିସହ ଚଳିତ ସିରିଜ୍‌ର ଦୁଇଟିକିଆ ଟେଷ୍ଟ ମ୍ୟାଚ୍‌ରେ ଭାରତ ୧-୦ରେ ଆଗୁଆ ରହିଛି । ଭାରତ ପକ୍ଷରୁ ଧାର୍ଯ୍ୟ ୫୧୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସ୍‌ରେ ସମସ୍ତ ଓ୍ୱିକେଟ୍ ବିନିମୟରେ ୨୩୪ରନ୍ କରିବାକୁ ସକ୍ଷମ ହୋଇଥିଲା । ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନର ଖେଳ ବାଂଲାଦେଶ ଗତକାଲିର ସ୍କୋର ୪ ଓ୍ୱିକେଟ୍ ବିନିମୟରେ ୧୫୮ରନ୍‌ରୁ ଆରମ୍ଭ କରିଥିଲା ।

ଆଜି ବାଂଲାଦେଶ ଗତକାଲିର ସ୍କୋର ସହ ୬ ଓ୍ୱିକେଟ୍ ବିନିମୟରେ ମାତ୍ର ୭୬ ରନ୍ ସଂଯୋଗ କରିବାକୁ ସକ୍ଷମ ହୋଇଥିଲା । ରବିଚନ୍ଦ୍ରନ ଅଶ୍ୱିନୀ ୬ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ରବୀନ୍ଦ୍ର ୩ଟି ଏବଂ ବୁମ୍ରା ଗୋଟିଏ ଓ୍ୱିକେଟ୍ ହାସଲ କରିଛନ୍ତି । ଏହି ଟେଷ୍ଟମ୍ୟାଚ୍‌ରେ ରବୀଚନ୍ଦ୍ରନ ଅଶ୍ୱିନୀଙ୍କର ଅଲରାଉଣ୍ଡର ସଫଳତା ପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଚୂଡ଼ାନ୍ତ ସ୍କୋର ଭାରତ ପ୍ରଥ ଇନିଂସ୍‌ରେ ୩୭୬ରନ୍, ଦ୍ୱିତୀୟ ଇନିଂସ୍‌ରେ ୨୮୭ରନ୍ । ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୧୪୯ରନ୍ ଏବଂ ଦ୍ୱିତୀୟ ଇନିଂସ୍‌ରେ ୨୩୪ରନ୍ ସଂଗ୍ରହ କରିଥିଲା । ଏହି ଦୁଇଟିକିଆ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୨୭ ତାରିଖ ଦିନ କାନପୁରଠାରେ ଖେଳାଯିବ ।

*****